# ଓଡ଼ିଶା ଏକ୍ସପ୍ରେସ

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୮ ନଭେମ୍ବର ୨୦୨୫ । ଶନିବାର




## ଅଚ୍ୟୁତ ସାମନ୍ତଙ୍କୁ ଏସ୍ଆର୍ଏମ୍ ବିଶ୍ୱବିଦ୍ୟାଳୟରୁ ସମ୍ମାନସୂଚକ ଡକ୍ଟରେଟ୍



**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଏସ୍ଆର୍ଏମ୍ ବିଶ୍ୱବିଦ୍ୟାଳୟ, ସୋନିପତ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଛି । ଏସ୍ଆର୍ଏମ୍ ବିଶ୍ୱବିଦ୍ୟାଳୟର ତୃତୀୟ ସମାବର୍ତ୍ତନ ଉତ୍ସବ ଅବସରରେ ଶୁକ୍ରବାର ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଏହା ହେଉଛି ଶ୍ରୀ ସାମନ୍ତଙ୍କ ୬୯ତମ ସମ୍ମାନସୂଚକ ଡକ୍ଟରେଟ୍ । ଶିକ୍ଷା ଜରିଆରେ ସମାଜର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଏସ୍ଆରଏମ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା କୁଳାଧିପତି ଡ.ଟିଆର୍ ପାରିଭିନ୍ଦର, କୁଳପତି ପ୍ରଫେସର ପରମଜିତ୍ ଜୟସ୍ୱାଲ ଓ କୁଳସଚିବ ପ୍ରଫେସର ଭି ସାମୁଏଲ୍ ରାଜଙ୍କ ଉପସ୍ଥିତିରେ ଭାରତର ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ୍ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ ।

ଏଥିପାଇଁ ଏସ୍ଆର୍ଏମ୍ ବିଶ୍ୱବିଦ୍ୟାଳୟ, ସୋନିପତର ଶିକ୍ଷା ପରିଷଦ ଏବଂ ପରିଚାଳନା ବୋର୍ଡ ଶ୍ରୀ ସାମନ୍ତଙ୍କ ନାମ ସୁପାରିଶ କରିଥିଲେ ଏବଂ ସର୍ବସମ୍ମତି କ୍ରମେ ଶ୍ରୀ ସମନ୍ତଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଥିଲେ । ଏସଆରଏମ ବିଶ୍ୱବିଦ୍ୟାଳୟ ଏହାର ପ୍ରଶଂସାପତ୍ରରେ ଶ୍ରୀ ସାମନ୍ତଙ୍କୁ ତାଙ୍କର ଶିକ୍ଷା ଜରିଆରେ ସେବା ଓ ମାନବିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନକୁ ପ୍ରଶଂସା କରାଯାଇଛି ।

ସମାବର୍ତ୍ତନ ସମାରୋହ ଅବସରରେ ଶ୍ରୀ ସାମନ୍ତ ଏସ୍ଆର୍ଏମ୍ ବିଶ୍ୱବିଦ୍ୟାଳୟ, ସୋନିପତ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇବା ସହ କହିଲେ, ବିଗତ ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ସେ ନିରନ୍ତର କାମ କରିଆସୁଛନ୍ତି । ଏହି ସମ୍ମାନ ଶିକ୍ଷା ଓ ସମାଜସେବା କ୍ଷେତ୍ରରେ କାମ କରିବାକୁ ଆହୁରି ପ୍ରେରଣା ଯୋଗାଇବ ।

## ୨୦୦ ଛାତ୍ରୀଙ୍କ ରକ୍ତ ନମୁନା ପରୀକ୍ଷା

**ଯାଜପୁର: ଏକ୍ସପ୍ରେସ ନ୍ୟୁଜ୍**

ଯାଜପୁର ଏନ୍‌ସି କଲେଜ ଛାତ୍ରୀ ନିବାସରେ ଗୁରୁବାର ଦିନ ୨୦୦ଜଣ ଛାତ୍ରୀଙ୍କର ରକ୍ତ ନମୁନା ପରୀକ୍ଷା କରାଯାଇଥିଲା । ଯାଜପୁର ଇନରହୁଇଲ କ୍ଲବ ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯାଇଥିବାବେଳେ ସ୍ୱସ୍ତି ଡାଇଗ୍ନୋଷ୍ଟିକର ନିର୍ଦ୍ଦେଶକ ଡା. ଅରୁଣ ନାଥଶର୍ମା ଏବଂ ତାଙ୍କର ସମସ୍ତ କର୍ମଚାରୀମାନେ ଛାତ୍ରୀମାନଙ୍କର ମାଗଣାରେ ହିମୋଗ୍ଲୋବିନ ଓ ବ୍ଲଡ ଗ୍ରୁପିଂ ରକ୍ତ ନମୁନା ପରୀକ୍ଷା କରାଇଥିଲେ । ଏହି କାର୍ଯ୍ୟକ୍ରମକୁ ଇନରହୁଇଲ କ୍ଲବର ସଭାପତି ସତ୍ୟଭାମା ପତି, ବରିଷ୍ଠ ସଦସ୍ୟା ତୁଷାରକାନ୍ତି ନାୟକ, ତିଲୋତମା ଦାସ, ବିଜୟଲକ୍ଷ୍ମୀ ସ୍ୱାଇଁ, ମାନସୀ ରାଣୀ ଓଝା, ଚିକ୍‌ମିକ୍ ହୀରା ସାହୁ, ଚିତ୍ରଲେଖା ନାୟକ, ପଙ୍କଜିନୀ ପଣ୍ଡା, ପ୍ରୀତିମୟୀ ନାୟକ ପ୍ରମୁଖ ଏଥିରେ ସହଯୋଗ କରିଥିଲେ ।

## ସାନ ଭାଇକୁ ବଡ ଭାଇର ଧମକ

**ବୁଗୁଡା: ଏକ୍ସପ୍ରେସ ନ୍ୟୁଜ୍**

ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ରାମଗଡ ଗ୍ରାମରେ ସାନ ଭାଇକୁ ତା'ର ବଡ ଭାଇ ଗାଳିଗୁଲଜ ସହ ଧମକ ଦେବା ଅଭିଯୋଗ କ୍ରମେ ପୋଲିସ ଥାନାରେ କେସ୍ ନଂ ୬୯୧/୨୫ରେ ଏକ ମାମଲା ରୁଜୁ ହୋଇଥିବା ନେଇ ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, ସାନ ଭାଇ ଉତ୍ତମ ବରାଡ (୩୦)ଙ୍କୁ ତାଙ୍କର ବଡ ଭାଇ ନାରାୟଣ ବରାଡ (୪୩) ଓ ଭାଉଜ ରଶ୍ମିତା ବରାଡ (୩୦) ପ୍ରାୟ ଏକ ବର୍ଷ ହେବ ତାଙ୍କୁ ଦେଖିବା କ୍ଷଣି ଗାଳିଗୁଲଜ କରିଆସୁଥିବା ବେଳେ ସେ କୌଣସି ପ୍ରତିକ୍ରିୟା ନକରି ରହୁଥିଲେ । ତେବେ ଗତ ମଙ୍ଗଳବାର ସନ୍ଧ୍ୟାରେ ଗାଁ ପୋଖରୀରେ ଗାଧୋଇ ଉତ୍ତମ ଘରକୁ ଫେରୁଥିବା ବେଳେ ଭାଇ ଓ ଭାଉଜ ଉଭୟେ ତାଙ୍କୁ ଅଭଦ୍ର ଭାଷାରେ ଗାଳି ଗୁଲଜ ସହ ଠେଙ୍ଗା ଦେଖାଇ ଧମକ ଦେଲେ ଯେ ଆଜି ତୋତେ ଛାଡି ଦେଉଛୁ, ଆଉ କେବେ ଆମ ଆଗରେ ପଡିଲେ ତୋତେ ନିଶ୍ଚୟ ମାରି ଦେବୁ । ଏଥିରେ ଭୟଭୀତ ହୋଇ ଉତ୍ତମ ବାଲିପଦର ଫାଣ୍ଡିରେ ଅଭିଯୋଗ କରିବା ପରେ ବାଲିପଦର ଫାଣ୍ଡି ଅଧିକାରୀ କେ.ନିଳାଦ୍ରୀ ରେଡି ଘଟଣାର ତଦନ୍ତ କରୁଥିବା ଜଣାଯାଇଛି ।

## ପାନୀୟ ଜଳ ପାଇଁ ଡହଳବିକଳ ୫ ଆଦିବାସୀ ପରିବାର

**ଘଟଗାଁ: ଏକ୍ସପ୍ରେସ ନ୍ୟୁଜ୍**



ପିଇବା ପାଣି ପାଇଁ ଡହଳ ବିକଳ ହେଉଛନ୍ତି ୫ ଆଦିବାସୀ ପରିବାର । ମାସେ ହେବ ନଳକୂପରୁ ବାହାରୁଥିବା ଦୁର୍ଗନ୍ଧମୟ ପାଣି ଫଳରେ ପିଇବା ଉପଯୋଗୀ ହୋଇପାରୁନି ନଳକୂପରୁ ବାହାରୁଥିବା ପାଣି । ଅଭିଯୋଗ ପରେବି ବିଭାଗୀୟ ଯନ୍ତ୍ରୀଙ୍କ ଅବହେଳା ପାଇଁ ପିଇବା ପାଣିରୁ ବଞ୍ଚିତ ରହିଛନ୍ତି ଏହି ୫ ଆଦିବାସୀ ପରିବାର । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଘଟଗାଁ ବ୍ଲକ ମୁଖ୍ୟାଳୟ ଠାରୁ ମାତ୍ର ୨କିମି ଦୂର ବିଣାଝରି ଗ୍ରାମର ମୁଣ୍ଡାସାହିରେ । ଏହି ସାହିରେ ୫ ଆଦିବାସୀ ପରିବାର ବସବାସ କରୁଥିବା ବେଳେ ଏବେ ପାନୀୟଜଳ ପାଇଁ ନାହିଁ ନଥିବା ଆସୁବିଧାର ସମ୍ମୁଖୀନ ହେଉଛନ୍ତି ଏମାନେ । ସୂଚନା ଅନୁଯାୟୀ ଏହି ସାହିରେ ପାନୀୟ ଜଳର କୌଣସି ସୁବିଧା ନଥିବା ବେଳେ ସାହି ଠାରୁ କିଛି ଦୂରରେ ଏକ ସରକାରୀ ନଳକୂପ ରହିଛି ସେହି ନଳକୂପରୁ ଏହି ୫ ଆସିବାସୀ ପରିବାର ବର୍ଷ ତମାମ ପାଣି ଆଣି ବ୍ୟବହାର କରିଥାନ୍ତି । ନଳକୂପଟି ୧୫ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ନଳକୂପ ହୋଇଥିବା ବେଳେ ଏହାର ସଠିକ ମେଣ୍ଟେନାନ୍ସ କରାନଯିବାରୁ ଅନେକ ସମୟରେ ଏହି ନଳକୂପଟି ଅଚଳ ହୋଇପଡ଼ିଥାଏ । ତେବେ ଏକ ମାସ ହେବ ନଳକୂପରୁ ଦୁର୍ଗନ୍ଧମୟ ପାଣି ବାହାରୁ ଥିବାରୁ ଏହି ପାଣି ପିଇବା ଉପଯୋଗୀ ହୋଇପାରୁନାହିଁ । ଯାହାଫଳରେ ପିଇବା ପାଣି ପାଇଁ ଡହଳବିକଳ ହେଉଛନ୍ତି ଏହି ସାହି ଲୋକେ । ସାହିବାସୀଙ୍କ କହିବା ଅନୁଯାୟୀ ଅଭିଯୋଗ ହେବାପରେ ବିଭାଗୀୟ ଯନ୍ତ୍ରୀ ମଧ୍ୟ ଘଟଣା ସ୍ଥଳକୁ ଆସି ସମସ୍ୟା ବାବଦରେ ଅବଗତ ହୋଇଥିଲେ ଏବଂ ଏହାର ମରାମତି ଦିନ କି ଦୁଇଦିନ ଭିତରେ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ଏହାରି ଭିତରେ ୧୫ ଦିନରୁ ଊର୍ଦ୍ଧ୍ୱ ଦିନ ବିତିଯାଇଥିଲେ ମଧ୍ୟ ବିଭାଗୀୟ ଯାନ୍ତ୍ରୀଙ୍କ ଆଉ ଦେଖା ମିଳିନାହିଁ କି ନଳକୂପ ମରାମତି ପାଇଁ କୌଣସି ପଦକ୍ଷେପ ଗ୍ରହଣ କରିନାହାଁନ୍ତି । ଯାହାକୁ ନେଇ ଏହି ୫ ଆସିବାସୀ ପରିବାର ପାଣି ଟିକିଏ ପାଇଁ ଏବେ ଅସହାୟ ହୋଇପଡିଛନ୍ତି । ପାନୀୟଜଳ ପାଇଁ ଡହଳବିକଳ ହେଉଥିବା ଏହି ୫ ଆଦିବାସୀ ପରିବାର ପ୍ରତି ବ୍ଲକ ପ୍ରଶାସନ ଯଦି ଟିକିଏ ସହାନୁଭୂତି ଦେଖାଇ ସାହିରେ ରହିଥିବା ପାନୀୟ ଜଳ ସମସ୍ୟାକୁ ଗୁରୁତ୍ୱର ସହ ନେଇ ସମସ୍ୟାର ସମାଧାନ କରନ୍ତେ ତେବର ପାନୀୟଜଳ ପାଇବାରୁ ବଞ୍ଚିତ ରହିଥିବା ଏହି ସାହିବାସୀ ଉପକୃତ ହୋଇପାରନ୍ତେ ବୋଲି ଆଶାକରାଯାଉଛି ।

## ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା

**ମାଲକାନଗିରି: ଏକ୍ସପ୍ରେସ ନ୍ୟୁଜ୍**

ରାଜ୍ୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ସୌଜନ୍ୟରେ ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ କୋରୁକୋଣ୍ଡା ବ୍ଲକ ସଦର ଖେଳ ପଡ଼ିଆରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଜିତୁ ବୁରୁଡ଼ି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମାଲକାନଗିରି ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ଗଗନ ଚରଣ ନାୟକ ମଞ୍ଚ ପରିଚାଳନା କରିଥିଲେ । ଏଥିସମେତ ଆବାହକ ଭାବେ ବ୍ଲକ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ଅବିନାଶ ମାଝୀ, ସହ ଆବାହକ ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ସୌମେନ୍ଦୁ ବେହେରା, ଏସଡିଭିଓ ଡାକ୍ତର ରାଜେଶ କୁମାର କଅଁର, ମାଲକାନଗିରି ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରତିନିଧି ମୁୟା ମଡକାମୀ, ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରତିନିଧି ବିନାୟକ ପାତ୍ର, ମାଲକାନଗିରି ବ୍ଲକ ସହକାରୀ ମତ୍ସ୍ୟ ଅଧିକାରିଣୀ ଇତିଶ୍ରୀ ଦାସ, ଜିଲା ଓମ୍‌ଫେଡ ଦାୟିତ୍ୱରେ ଥିବା ଅଧିକାରିଣୀ ମାନସୀ କର ପ୍ରମୁଖ ମଞ୍ଚାସୀନ ଥିଲେ । ପାରମ୍ପରିକ ଚାଷ ବଦଳରେ ସମନ୍ୱିତ ଚାଷ, ଉନ୍ନତ ଜ୍ଞାନ କୌଶଳ ଉପଯୋଗ କରି ଅଧିକା ଉତ୍ପାଦନ, ମତ୍ସ୍ୟ ଚାଷ, ଗୋପାଳନ, ଉଦ୍ୟାନ କୃଷିକୁ ଉପଯୋଗ କରିବା ନିମନ୍ତେ ଉପସ୍ଥିତ ଅତିଥିମାନେ ନିଜ ନିଜ ବକ୍ତବ୍ୟରେ କହିଥିଲେ । ଜିଲ୍ଲା ପ୍ରାଣୀ ଚିକିତ୍ସକ ଡାକ୍ତର ଶ୍ରୀ ନାୟକ ଆତ୍ମନିର୍ଭର ଭାରତ ନିର୍ମାଣ ପାଇଁ କୃଷିକୁ ଗୁରୁତ୍ୱ ଦେବା ନିମନ୍ତେ ଚାଷୀମାନଙ୍କୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ କୃଷି, ପଶୁପାଳନ, କୁକୁଡ଼ା, ଛେଳି, ମତ୍ସ୍ୟ, ଯାଅଁଳ ଚାଷ, ଉଦ୍ୟାନ କୃଷି ଆଦି କ୍ଷେତ୍ରରେ ଆତ୍ମନିର୍ଭର ଚାଷୀଙ୍କୁ ଏକ ହଜାର ଟଙ୍କାର ସମେତ ମାନପତ୍ର ଏବଂ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ୩ ଜଣ ମତ୍ସ୍ୟଚାଷୀଙ୍କୁ ନୂତନ କାର୍ଯ୍ୟାଦେଶ ମଧ୍ୟ ପ୍ରଦାନ କରଯାଇଥିଲା । ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଥିବା ବେଳେ ଏହାପରେ ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଉପସ୍ଥିତ ଲୋକେ ନିଜ ନିଜର ଅଭିଯୋଗ ତଥା:- ମତ୍ସ୍ୟ ଚାଷ ଏବଂ ଗୋପାଳନ ସମ୍ବନ୍ଧରେ ଉପସ୍ଥିତ ଅଧିକାରୀ ମାନଙ୍କ ଠାରୁ ବିଭିନ୍ନ ଜ୍ଞାନ ଆହରଣ କରିଥିଲେ । ଅଞ୍ଚଳରେ ଥିବା ଗାଈ ଗୋରୁ, ଛେଳି ମେଣ୍ଢା ତଥା ଅନ୍ୟ ପଶୁ ପକ୍ଷୀ ମାନଙ୍କ ଚିକିତ୍ସା ନିମନ୍ତେ ବିଭାଗ ପକ୍ଷରୁ ମୋବାଇଲ ଆମ୍ବୁଲାନ୍ସ ଅଞ୍ଚଳରେ ବୁଲୁଥିବା ବେଳେ ଏହାର ଟୋଲ ଫ୍ରି ନଂ ୧୯୬୨ ରେ କଲ କରିବାକୁ ଗୋଷ୍ଠୀ ପ୍ରାଣୀ ଚିକିତ୍ସକ ଶ୍ରୀ ମାଝୀ କହିଥିଲେ । ଶେଷରେ କୋରୁକୋଣ୍ଡା ସହକାରୀ ମତ୍ସ୍ୟ ଅଧିକାରୀ ସୌମେନ୍ଦୁ ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଚୋର ସନ୍ଦେହରେ ୪ ସନ୍ଦିଗ୍ଧଙ୍କୁ କାବୁ କଲେ ଗ୍ରାମବାସୀ

**ବାଙ୍ଗିରିପୋଷି: ଏକ୍ସପ୍ରେସ ନ୍ୟୁଜ୍**

ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଚନ୍ଦନପୁର ଗ୍ରାମରେ ଚୋର ସନ୍ଦେହରେ ୪ ସନ୍ଦିଗ୍ଧଙ୍କୁ କାବୁକଲେ ଗ୍ରାମବାସୀ । ପୁଲିସ ସମସ୍ତଙ୍କୁ ଗିରଫ କରିଛି । ଏଥିସହ ସେମାନେ ବ୍ୟବହାର କରୁଥିବା ଏକ କାର୍‌କୁ ମଧ୍ୟ ପୁଲିସ ଜବତ କରିଛି ।

ସୂଚନା ଅନୁସାରେ, ଗତ ଗୁରୁବାର ବିଳମ୍ବିତ ରାତିରେ ଏକ କାର୍ ଯୋଗେ କିଛି ବ୍ୟକ୍ତି ସନ୍ଦେହ ଜନକ ଭାବେ ଚନ୍ଦନପୁର ଗ୍ରାମ ନିକଟରେ ବୁଲାବୁଲି କରିଥିଲେ । ଗାଁରେ ବୁଲିବା ବେଳେ କିଛି ଗ୍ରାମବାସୀଙ୍କ ନଜରକୁ ଆସିଥିଲେ । ଗ୍ରାମର କିଛି ସାହସୀ ଯୁବକ ମିଳିତ ଭାବେ ସେମାନଙ୍କ ଉପରେ ଚଢ଼ାଉ କରି ଦେଇଥିଲେ । ପରେ ଖବର ପାଇ ଅନ୍ୟ ଗ୍ରାମବାସୀମାନେ ସହଯୋଗ କରିଥିଲେ । ୫ରୁ ଊର୍ଦ୍ଧ୍ୱ ସନ୍ଦିଗ୍ଧ ଯୁବକ ଉକ୍ତ ଗାଡ଼ିରେ ଥିବା ବେଳେ ଘଟଣାସ୍ଥଳରୁ ୩ ଜଣକୁ ଧରିଥିଲେ ଗ୍ରାମବାସୀ । ଖବର ପାଇ ବାଙ୍ଗିରିପୋଷି ପୁଲିସ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚିବା ପରେ ଫେରାର ଥିବା ଅନ୍ୟମାନଙ୍କୁ ଖୋଜା ଖୋଜି କରିବାରୁ ଆଉ ଜଣଙ୍କୁ ଧରିବାରେ ସଫଳ ହୋଇଥିଲେ । ମୋଟ ୪ ଜଣ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଥିବା ବେଳେ ଏକ କାର୍ ଜବତ କରିଛି ପୁଲିସ ।

## ମାଲକାନଗିରି ଜିଲ୍ଲାପାଳଙ୍କ ବାଲିମେଳା ଗ୍ରସ୍ତ



**ମାଲକାନଗିରି: ଏକ୍ସପ୍ରେସ ନ୍ୟୁଜ୍**

ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକର ବାଲିମେଳା ଏନଏସି ଅନ୍ତର୍ଗତ ସହରରେ ଚାଲୁଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କଲେ ଜିଲ୍ଲାପାଳ । ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ଏବଂ କୋରୁକୋଣ୍ଡା ବିଡ଼ିଓ ଅମୂଲ୍ୟ କୁମାର ସାହୁ ପ୍ରଥମେ ବାଲିମେଳା ଏନଏସି କାର୍ଯ୍ୟାଳୟ ପରିଦର୍ଶନ କରିବା ସହ ଆଗାମୀ ଦିନରେ କେଉଁ ସବୁ କାର୍ଯ୍ୟ ହାତକୁ ନିଆଯିବ ଯେପରିକି ନୂତନ ଏନଏସି କାର୍ଯ୍ୟାଳୟ ଗୃହ ଏବଂ ବିଭିନ୍ନ ନୂତନ ସହରୀ ବିକାଶ ଯୋଜନା, ମାର୍କେଟ କମ୍ପ୍ଲେକ୍ସର ନିର୍ମାଣ ସମ୍ପର୍କରେ ନିର୍ବାହୀ ଅଧିକାରୀ ଦୁର୍ଗା ପ୍ରସାଦ ଦୋରା ଏବଂ ପୌର ପରିଷଦ ଅଧ୍ୟକ୍ଷ ପ୍ରଦିପ କୁମାର ନାୟକଙ୍କ ସହ ଆଲୋଚନା କରିଥିଲେ । ଏହା ସହିତ ଏକ ଏନଫୋର୍ସମେଣ୍ଟ ଟିମ ଗଠନ କରି ତୁରନ୍ତ ବାଲିମେଳା ସହରର ବିଭିନ୍ନ ରାସ୍ତା କଡ଼ରେ ବସୁଥିବା ଉଠା ବ୍ୟବସାୟୀମାନଙ୍କୁ ଦୈନିକ ବଜାରରେ ଥିବା ଦୋକାନ ଗୁଡ଼ିକରେ ଥଇଥାନ କରିବା ପାଇଁ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ଜିଲ୍ଲାପାଳ । ସେହିପରି ମେଡିକାଲ ଛକ ଆମ୍ବେଦକର ପ୍ରତିମୂର୍ତ୍ତି ସମ୍ମୁଖ ରାସ୍ତାର ଅପର ପାର୍ଶ୍ୱରେ ତଳ ମହଲାରେ ମାର୍କେଟ କମ୍ପ୍ଲେକ୍ସ କରାଯିବା ସହ ଉପର ମହଲାରେ ଏକ ସିନେମା ହଲର ନିର୍ମାଣ କରାଯିବା ନେଇ ପ୍ରସ୍ତାବିତ ହୋଇଛି । ଏହାପରେ ସେଠାରୁ ସିଧାସଳଖ କଳିଙ୍ଗ ଆଦର୍ଶ ବିଦ୍ୟାଳୟ ଯାଇ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ । ପରେ ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରି ତାଙ୍କର ଭଲମନ୍ଦ ସମ୍ପର୍କରେ ସବିଶେଷ ପଚାରିଥିଲେ । ପିଲାଙ୍କୁ ପାଠ ପଢ଼ାଇଥିଲେ ଏ ସମ୍ପର୍କରେ ବାଲିମେଳା ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ଦୋରାଙ୍କୁ ପଚାରିବାରୁ ମାର୍କେଟ କମ୍ପ୍ଲେକ୍ସ ଓ ସହରୀ ବିକାଶକୁ ଗୁରୁତ୍ୱ ଦିଆଯାଇଛି । ସେହିପରି ସିନେମା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି କିନ୍ତୁ ଏପର୍ଯ୍ୟନ୍ତ କୌଣସି ନିର୍ଦ୍ଦିଷ୍ଟ ସ୍ଥାନର ଚୟନ ହୋଇନାହିଁ । ଖୁବଶୀଘ୍ର ସ୍ଥାନ ସ୍ଥିର କରି ସମସ୍ତ କାର୍ଯ୍ୟ ଆରମ୍ଭ କରାଯିବ ବୋଲି କହିଛନ୍ତି । ଫେରିବା ରାସ୍ତାରେ ଚିତାପରୀ ୩ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରିଥିଲେ ।

## ଦରବୃଦ୍ଧି ସତ୍ତ୍ୱେ ଆମିଷ ବଜାରରେ ପ୍ରବଳ ଭିଡ

**ଶେରଗଡ: ଏକ୍ସପ୍ରେସ ନ୍ୟୁଜ୍**

କାର୍ତ୍ତିକ ପୂର୍ଣ୍ଣିମା ପରଦିନ ମାର୍ଗଶିର ମାସର ପ୍ରଥମ ଗୁରୁବାର ପଡିବା ଯୋଗୁଁ ଆମିଷ ବଜାର ସମ୍ପୂର୍ଣ୍ଣ ରୂପେ ବନ୍ଦ ରହିଥିଲା । ଶୁକ୍ରବାର ସକାଳୁ ସକାଳୁ ଶେରଗଡର ଅସ୍ଥାୟୀ ମାଛ ବଜାରରେ ନାହିଁ ନଥିବା ଭିଡ ଦେଖିବାକୁ ମିଳିଥିଲା । ଏପରିକି ଗୁରୁତର ଟ୍ରାଫିକ ସମସ୍ୟା ଲାଗି ରହିଥିଲା । ଲୋକମାନେ ଆଜି ଛାଡଖାଇ ମଜା ନେଇଥିଲେ । ନିଜ ନିଜର ସକ୍ଷମ ଅନୁସାରେ କିଏ ମାଛ କିଣିଥିଲା କିଏ ଚିକେନ ଓ ମାଂସ ଦୋକାନରେ ଗହଳି ଲଗାଇଥିଲେ । ତେବେ ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ମାଛ, ମାଂସ ଓ ଚିକେନ ଦର ବୃଦ୍ଧି ପାଇଛି । ପୂର୍ବ ବର୍ଷ ନୁହେଁ, ଛାଡ ପୂର୍ବରୁ ଦର ଯାହା ଥିଲା, ସେଥିରେ କେଜି ପିଛା ୨୦ରୁ ୫୦ ଟଙ୍କା ବୃଦ୍ଧି ପାଇଛି । କେବଳ ମାଛ ବଜାର ନୁହେଁ, ରାସ୍ତା କଡରେ ଅସ୍ଥାୟୀ ଭାବେ ଖୋଲା ଯାଇଥିବା ଚିକେନ, ମାଂସ, ମାଛ ବଜାରରେ ଅହେତୁକ ଭିଡ ଲାଗି ରହିଥିଲା । ମାଂସ କେଜି ଶୁକ୍ରବାର ୮ ଶହ ଟଙ୍କା ଥିବା ବେଳେ ଚିକେନ ୨୫୦ ଏବଂ ମାଛ ୨୦୦ ଟଙ୍କା ଥିବା ବେଳେ ଚିଙ୍ଗୁଡି ୫୦୦ ଏବଂ ଆନ୍ଧ୍ର ରୋହି, ଭାକୁର ୧୮୦ ଟଙ୍କା ରହିଥିଲା । ଛାଡ କରିବା ଲାଗି ପ୍ରତ୍ୟେକ ଦୋକାନ ରେ ଗହଳି ଲାଗି ରହିଥିଲା । ଦରବୃଦ୍ଧି ସତ୍ତ୍ୱେ ଗ୍ରାହକମାନେ ନିଜ ନିଜର ସକ୍ଷମ ଅନୁସାରେ ଆମିଷ କିଣି ନେଉଥିବା ଦେଖା ଯାଇଥିଲା ।

## ବାଣିଜ୍ୟ

## ସଟଡାଉନ୍ ପାଇଁ ଚିନ୍ତାରେ ଆମେରିକା : ୧୮୦୦ ବିମାନ କ୍ୟାନ୍ସଲ

**ୱାସିଂଟନ: ଏକ୍ସପ୍ରେସ ନ୍ୟୁଜ୍**




ଆମେରିକାକୁ ଅର୍ଥନୈତିକ ଝଟକା । ଦୀର୍ଘଦିନ ଧରି ଚାଲିଥିବା ସଟଡାଉନ୍ କାରଣରୁ ନ୍ୟୁୟର୍କ, ଲସ ଆଞ୍ଜେଲସ ଓ ସିକାଗୋ ସମେତ ୪୦ଟି ସହରର ଆର୍ଥିକ ସ୍ଥିତି ଭୁଶୁଡି ପଡିଛି । ଦେଶରେ ଚାଲୁଥିବା ବିମାନସେବା ମଧ୍ୟ ପ୍ରଭାବିତ ହୋଇଛି । ପ୍ରାୟ ୧୦ ପ୍ରତିଶତ ବିମାନକୁ କ୍ୟାନସଲ କରିବା ପାଇଁ ୟୁଏସ ସରକାର ନିର୍ଦ୍ଦେଶ ଦେଇଛନ୍ତି । ୪୦ଟି ବିମାନବନ୍ଦରରେ ସୁରକ୍ଷା ଦୃଷ୍ଟିରୁ ଘରୋଇ ବିମାନସେବାକୁ ବନ୍ଦ କରାଯାଇଛି । ଯାହାକୁ ନେଇ ଅନେକ ଯାତ୍ରୀ ଅନେକ ଅସୁବିଧାର ସାମ୍ନା କରୁଛନ୍ତି ।

ୟୁଏସ ଆଭିଏସନ କହିଛି ଯେ, ବିମାନ ଚଳାଚଳକୁ କମାଇବାକୁ ହେବ । ବିଭିନ୍ନ ଘରୋଇ ବିମାନକୁ ଏଥିରେ ସାମିଲ କରାଯାଇଛି । ପ୍ରଥମେ ୪ ପ୍ରତିଶତ ବିମାନ ପ୍ରଭାବିତ ହେବ । ନଭେମ୍ବର ୧୪ ସୁଦ୍ଧା ୧୦ ପ୍ରତିଶତ ବିମାନ ଚଳାଚଳ ବନ୍ଦ କରାଯିବ । ଏହି ନିର୍ଦ୍ଦେଶ ସେତେବେଳେ ଦିଆଯାଇଛି ଯେତେବେଳେ ବିମାନ ସବୁଠୁ ଅଧିକ ଗହଳି ରହେ । ଯାହା ହଜାର ହଜାର ଯାତ୍ରୀଙ୍କୁ ଅସୁବିଧାରେ ପକାଇବ ବୋଲି ଜଣାପଡିଛି ।

ପ୍ରଥମ ପର୍ଯ୍ୟାୟରେ ଆମେରିକାର ଆଟଲାଣ୍ଟା, ମିଆମି, ସାନ୍ ଫ୍ରାନସିସକୋ ବିମାନବନ୍ଦର ପ୍ରଭାବିତ ହେବ । ଏହାସହ ଡାଲାସ, ସିକାଗୋ ଓ ଲସ ଆଞ୍ଜେଲସର ବିମାନ ବନ୍ଦର ମଧ୍ୟ ସାମାନ୍ୟ ପ୍ରଭାବିତ ହୋଇପାରେ । ଆଗକୁ ନ୍ୟୁୟର୍କ, ହୋଷ୍ଟନ ଭଳି ନୂଆ ନୂଆ ବିମାନବନ୍ଦରକୁ ତାଲିକାରେ ସାମିଲ କରାଯିବ । ଆହୁରି ମଧ୍ୟ କୁହାଯାଉଛି ଯେ, ପ୍ରତିଦିନ ପ୍ରାୟ ୧୮୦୦ରୁ ଅଧିକ ବିମାନ ସହ ୨ ଲକ୍ଷ ୬୮ ହଜାର ଯାତ୍ରୀ ପ୍ରଭାବିତ ହେବେ । ୨୪ଟି ରାଜ୍ୟରେ ବିମାନ ହ୍ରାସ ନିୟମ ଲାଗୁ ହେବ । ତେଣୁ ବିଭିନ୍ନ ଏୟାରଲାଇନ୍ସ ପକ୍ଷରୁ ଯାତ୍ରୀଙ୍କୁ ଏବାବଦରେ ସୂଚନା ଦିଆଯାଉଛି । ତେବେ ସଟଡାଉନ ବା ବନ୍ଦ ପ୍ରଭାବରୁ ଏୟାର ଟ୍ରାଫିକ କଣ୍ଟ୍ରୋଲର୍ସଙ୍କ ଦରମା ଚେକ୍ ବାଉନ୍ସ ହୋଇଯାଇଛି । ଯାହା ଫଳରେ ୪୦୦ରୁ ଅଧିକ କର୍ମଚାରୀ ବିନା ଦରମାରେ କାର୍ଯ୍ୟ କରୁଛନ୍ତି । ପୂର୍ବବର୍ଷ ତୁଳନାରେ ଏହା ୪ ଗୁଣ ଅଧିକ । ଅନେକ କର୍ମଚାରୀ ଅସୁସ୍ଥ ଥିବା କହୁଛନ୍ତି । ଯାହାର ପ୍ରଭାବ ବିମାନ ସେବା ଉପରେ ସିଧାସଳଖ ପଡୁଛି ।

## ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିପର୍ଯ୍ୟସ୍ତ ସ୍ୱାସ୍ଥସେବା

**ଓଡ଼ାପଡ଼ା : ଏକ୍ସପ୍ରେସ ନ୍ୟୁଜ୍**



ଓଡାପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଆସିଛି ସ୍ୱଚ୍ଛତାର ନଗ୍ନ ରୂପ । ସ୍ୱଚ୍ଛଭାରତ ଅଭିଯାନ ଦିଗରେ ବିଫଳ କର୍ତ୍ତୃପକ୍ଷ । ସଂକ୍ରମଣ ବଢିବା ଆଶଙ୍କା ନେଇ ଚିନ୍ତାରେ ଜନସାଧାରଣ । ବିପର୍ଯ୍ୟସ୍ତ ସ୍ୱାସ୍ଥସେବା, ଚାରିଆଡେ କୁଢ଼ କୁଢ଼ ଅଳିଆ, ନିଷିଦ୍ଧାଞ୍ଚଳରେ ବୁଲୁଛନ୍ତି ଗାଇ ଓ ଛେଳି । ବର୍ଜ୍ୟ ବସ୍ତୁ ପରିଚାଳନାରେ ସମ୍ପୂର୍ଣ୍ଣ ବିଫଳ ପ୍ରଶାସନ । ମାଳ ମାଳ ଅଭିଯୋଗ ପରେବି ବଦଳି ପାରୁନି ସ୍ୱାସ୍ଥ୍ୟ କେନ୍ଦ୍ରର ବିକଳ ଚିତ୍ର । ସ୍ୱାସ୍ଥ୍ୟକେନ୍ଦ୍ର ଭଳି ଏକ ସମ୍ବେଦନଶୀଳ ସ୍ଥାନକୁ ଅଧିକ ଗୁରତ୍ୱ ପ୍ରଦାନ କରି କୋଟିକୋଟି ଟଙ୍କାର ଅଟକଳ ବ୍ୟୟ କରୁଛନ୍ତି ରାଜ୍ୟସରକାର । ଉଦ୍ଦେଶ୍ୟ କିପରି ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ସଂକ୍ରମଣକୁ ରୋକା ଯାଇପାରିବ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏ ସବୁର ଦାୟିତ୍ୱ ନିଜ ହାତକୁ ନେଇ ଜନସଚେତନତା ସୃଷ୍ଟି କରିବା ପାଇଁ ଚେଷ୍ଟା ଜାରି ରଖି ଥିବା ବେଳେ, ତଳସ୍ତରରେ ଏହା କେବଳ ଆଖି ଦେଖାଣିଆ ପ୍ରଚାରପ୍ରସାର ଏବଂ ବ୍ୟାନର ପୋଷ୍ଟର ମଧ୍ୟରେ ସୀମିତ ହୋଇ ରହିଯାଇଛି । ସୂଚନା ମୁତାବକ ଓଡାପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଟି ବ୍ୟସ୍ତବହୁଳ ଜାତୀୟ ରାଜପଥ ୫୫ ଠାରୁ ମାତ୍ର ଶହେ ମିଟର ଦୂରରେ ତଥା ବ୍ଲକ ପ୍ରଶାସନର ଅତି ପାଖରେ ହୋଇଥିବାରୁ ଅଞ୍ଚଳବାସୀ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ଅଧିକରୁ ଅଧିକ ନିର୍ଭରଶୀଳ ହୋଇଥାନ୍ତି । କିନ୍ତୁ ଦୁଃଖ ଏବଂ ପରିତାପର ବିଷୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନାହାନ୍ତି ଆବଶ୍ୟକ ମୁତାବକ ଡାକ୍ତର, ନାହିଁ ଆନୁସଙ୍ଗିକ ବୈଷୟିକ ସୁବିଧା । ଆଶୁଚିକିତ୍ସା କ୍ଷେତ୍ରରେ ସଠିକ ବ୍ୟବସ୍ଥା ନଥିବା କଥା ଅନେକ ଥର ମଧ୍ୟ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଛି । ପ୍ରାଥମିକ ଚିକିତ୍ସା ହେଉ କିମ୍ବା ଜରୁରୀ କାଳୀନସେବା କଥା କହିବା ତାହେଲେ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଲୋକମାନଙ୍କ ଭରଷା ସାଜିଛି । ରକ୍ତ ପରୀକ୍ଷା କଥା ନ କହିଲେ ଭଲ । ପୂର୍ବରୁ ଏହିସବୁ ରକ୍ତନମୁନା ପରୀକ୍ଷା ଦାୟିତ୍ୱ, ସରକାର ଏକ ସଂସ୍ଥାକୁ ଦେଇଥିବା ବେଳେ, ରକ୍ତ ନମୁନା ସଂଗ୍ରହ କରୁଥିବା ସଂସ୍ଥା କବାଟ ଆଗରେ ଏବେ ତାଲା ଝୁଲୁଛି । ପାଞ୍ଚ ବର୍ଷ ତଳେ ସ୍ୱାସ୍ଥ୍ୟକେନ୍ଦ୍ରଟିର ନବକଳେବର ହୋଇଥିଲା । ଯେଉଁଥିରେ ସରକାରୀ ରାଜକୋଷରୁ ପ୍ରାୟ ୩ କୋଟି ଟଙ୍କା ବ୍ୟୟ ବରାଦରେ ତିନି ମହଲା ବିଶିଷ୍ଟ କୋଠାକୁ ଉଦଘାଟନ କରାଯାଇ କାର୍ଯ୍ୟକ୍ଷମ କରାଗଲା । ଘର ସିନା ଚକାଚକ ହୋଇଗଲା, ହେଲେ ନା ମିଳୁଛି ଉତ୍ତମ ଚିକିତ୍ସା ନା ମେଡିକାଲ ପରିସରକୁ ରଖାଯାଉଛି ପରିଷ୍କାର ପରିଛନ୍ନ । ବିଭିନ୍ନ ପ୍ରକାର ଅଳିଆ, ବ୍ୟବହୃତ ହୋଇଥିବା ସିରିଞ୍ଜ ଛୁଞ୍ଚି, ରକ୍ତଭିଜା ଗଜ କପଡ଼ା, ସାଲାଇନ୍ ବୋତଲ, ମେଡ଼ିସିନ୍ ଖୋଳ ଓ ଅନ୍ୟାନ୍ୟ କାଚ ସାମଗ୍ରୀ ଗୁଡିକୁ ଏଣେତେଣେ ନ ପକାଇବା ପାଇଁ ବିଭିନ୍ନ ପ୍ରକାର ସ୍ଥାୟୀ ଡଷ୍ଟବିନ ତିଆରି କରାଗଲା ସତ କିନ୍ତୁ ସମସ୍ତ ଅଳିଆ ଏବେ ଡଷ୍ଟ ବିନ ବଦଳରେ ମେଡିକାଲ୍ ଚାରିପାଖରେ ପକାଯାଉଛି । ସତେ ଯେମିତ ସ୍ୱାସ୍ଥ୍ୟ କେନ୍ଦ୍ର ପାଲଟିଛି ଡମ୍ପିଂ ୟାର୍ଡ । ମହିଳା ରୋଗୀମାନଙ୍କ ପାଇଁ ପାଇଖାନା କରାଯାଇଛି ହେଲେ ଟ୍ୟାପରୁ ବହାରୁନି ପାଣି । ନା ଅଛି ସାପ କାମୁଡ଼ା ଇଞ୍ଜେକ୍ସନ ନା ସଠିକ୍ ସମୟରେ ମିଳିପାରୁଛି କୁକୁର କାମୁଡ଼ା ଇଞ୍ଜେକ୍ସନ । ଏଠି ପ୍ରଶ୍ନ ଉଠୁଛି ଯଦି ସାଧାରଣ ରୋଗିଟିଏ ଏସବୁ ପାଇଁ ସଂକ୍ରମଣ ର ଶିକାର ହୋଇ ଗୁରୁତର ହୁଏ, କିଏ ଦାୟୀ ରହିବ ? ସରକାର ନା ମେଡିକାଲ କର୍ତ୍ତୃପକ୍ଷ ?

## 'ହକ୍' ଚଳଚ୍ଚିତ୍ରର ମୁକ୍ତିଲାଭକୁ ହାଇକୋର୍ଟଙ୍କ ଅନୁମତି



**ଭୋପାଳ: ଏକ୍ସପ୍ରେସ ନ୍ୟୁଜ୍**

ଇମ୍ରାନ ହାସ୍‌ମି ଓ ୟାମି ଗୌତମ ଅଭିନୀତି ହିନ୍ଦୀ ଚଳଚ୍ଚିତ୍ର 'ହକ୍'ର ମୁକ୍ତିଲାଭକୁ ବିରୋଧ କରି ଶାହ ବାନୋ ବେଗମଙ୍କ ଝିଅ ସିଦ୍ଦିକା ବେଗମ ଯେଉଁ ପିଟିସନ ଦାଏର କରିଥିଲେ, ତାହାକୁ ମଧ୍ୟପ୍ରଦେଶ ହାଇକୋର୍ଟର ଇନ୍ଦୋର ବେଞ୍ଚ ଗୁରୁବାର ଖାରଜ କରିଦେଇଛନ୍ତି । ଶୁକ୍ରବାର ଚଳଚ୍ଚିତ୍ରଟି ମୁକ୍ତିଲାଭ କରିବାକୁ ଯାଉଛି । ଏହି ପରିପ୍ରେକ୍ଷୀରେ ଚଳଚ୍ଚିତ୍ର ମୁକ୍ତିଲାଭ ଉପରେ କଟକଣା ଲାଗୁ କରିବା ଅଯୁକ୍ତିକର ବୋଲି ହାଇକୋର୍ଟ କହିଛନ୍ତି ।




ସିଦ୍ଦିକା ଅତିକମରେ ଏକ ମାସ ପୂର୍ବରୁ ଆବେଦନ କରିବା ଉଚିତ ହୋଇଥାନ୍ତା ବୋଲି ହାଇକୋର୍ଟ କହିଛନ୍ତି ।

ସୂଚନାଯୋଗ୍ୟ ଏହି ଚଳଚ୍ଚିତ୍ରରେ ଶାହ ବାନୋଙ୍କ ବ୍ୟକ୍ତିଗତ ଓ ବୈବାହିକ ଜୀବନକୁ ଅତିରଞ୍ଜିତ କରି ଉପସ୍ଥାପନ କରାଯାଇଛି ବୋଲି ସିଦ୍ଦିକା ପିଟିସନରେ ଅଭିଯୋଗ କରିଛନ୍ତି । ବ୍ୟାବସାୟିକ ସଫଳତା ପାଇବାକୁ ନିର୍ମାତା ଏହି ଚଳଚ୍ଚିତ୍ରର ବିଷୟବସ୍ତୁକୁ ଅତ୍ୟଧିକ ନାଟକୀୟ ଢଙ୍ଗରେ ଉପସ୍ଥାପନ କରିଥିବାବେଳେ ତାଙ୍କ ମାଆଙ୍କ ଆଇନଗତ ଲଢେଇକୁ ନ୍ୟୁନ କରାଯାଇଛି ବୋଲି ସିଦ୍ଦିକା ଆପତ୍ତି ଜଣାଇଛନ୍ତି । ଅପରପକ୍ଷରେ 'ବାନୋ: ଭାରତ କୀ ବେଟି' ପୁସ୍ତକର ବିଷୟବସ୍ତୁକୁ ଚଳଚ୍ଚିତ୍ରରେ ଉପସ୍ଥାପନ କରାଯାଇଥିବାବେଳେ ସୁପ୍ରିମକୋର୍ଟଙ୍କ ରାୟ (ବହୁ ଚର୍ଚ୍ଚିତ ଶାହା ବାନୋ ମାମଲା)କୁ ପ୍ରେରଣାଭାବେ ଗ୍ରହଣ କରାଯାଇଛି ବୋଲି ଚଳଚ୍ଚିତ୍ରର ନିର୍ମାତା କହିଛନ୍ତି । ଶାହ ବାନୋ ୧୯୩୨ରେ ମଧ୍ୟପ୍ରଦେଶର ଇନ୍ଦୋର ସହରେ ମହମ୍ମଦ ଅହମ୍ମଦ ଖାନ ନାମକ ଜଣେ ଆଇନଜୀବୀଙ୍କୁ ବିବାହ କରିଥିଲେ । ସେମାନଙ୍କର ପାଞ୍ଚଜଣ ସନ୍ତାନ ଥିଲେ । ବିବାହର ୧୪ ବର୍ଷ ପରେ ମହମ୍ମଦ ଆଉ ଜଣେ ଯୁବତୀଙ୍କୁ ଦ୍ୱିତୀୟ ବିବାହ କରିଥିଲେ । କିଛି ବର୍ଷ ଦୁଇ ସଉତୁଣି ଏକାଠି ରହିଥିଲେ । ଶାହ ବାନୋଙ୍କୁ ୬୨ ବର୍ଷ ବୟସ ହୋଇଥିବାବେଳେ ମହମ୍ମଦ ତାଙ୍କୁ ଛାଡପତ୍ର ଦେଇଥିଲେ । ଶାହ ବାନୋଙ୍କୁ ଭରଣ ପୋଷଣ ବାବଦରେ ମାସିକ ୨୦୦ ଟଙ୍କା ଦେଉଥିବାବେଳେ ମହମ୍ମଦ ୧୯୭୮ରେ ଏହାକୁ ବନ୍ଦ କରିଥିଲେ । ଏଥିରେ ବ୍ୟତିବ୍ୟସ୍ତ ହୋଇ ଶାହ ବାନୋ ମାସିକ ୫୦୦ ଟଙ୍କା ଦାବି କରି ଇନ୍ଦୋରସ୍ଥିତ ଏକ ଅଦାଲତରେ ମହମ୍ମଦଙ୍କ ବିରୋଧରେ ମାମଲା ଦାଏର କରିଥିଲେ । ମାମଲା ପରବର୍ତ୍ତୀ ସମୟରେ ସୁପ୍ରିମକୋର୍ଟରେ ପହଞ୍ଚିଥିଲା ।

ସୁପ୍ରିମକୋର୍ଟ ଶାହ ବାନୋଙ୍କ ସପକ୍ଷରେ ରାୟ ଦେଇଥିବାବେଳେ କେତେକ ମୁସଲିମ ସଂଗଠନ ଏହାକୁ ବିରୋଧ କରିଥିଲେ । ଏପରିକି ୧୯୮୬ରେ ତତ୍କାଳୀନ କଂଗ୍ରେସ ସରକାର 'ମୁସଲିମ ୱିମେନ (ପ୍ରୋଟେକ୍ସନ ଅଫ୍ ରାଇଟ୍ସ ଅନ୍ ଡାଇଭୋର୍ସ) ଆଇନ କାର୍ଯ୍ୟକାରୀ କରିବା ଫଳରେ ସୁପ୍ରିମକୋର୍ଟଙ୍କ ରାୟ ଅକାମୀ ହୋଇପଡିଥିଲା । ପରବର୍ତ୍ତୀ ସମୟରେ ସୁପ୍ରିମକୋର୍ଟ ଏହି ଆଇନକୁ ରଦ୍ଦ କରିବା ସହ ଶାହ ବାନୋଙ୍କ ସପକ୍ଷରେ ରାୟ ଦେଇଥିଲେ । ସୁପ୍ରିମକୋର୍ଟଙ୍କ ଏକାଧିକ ଗୁରୁତ୍ୱପୂର୍ଣ୍ଣ ରାୟ ମଧ୍ୟରେ ଶାହ ବାନୋ ମାମଲା ଅନ୍ୟତମ ।

## ସିନେମାଫିନେମା ଟିଭିଫିବି

